ପାଠ-୧୫

# ଏକାଙ୍କିକା : ଆହୁତି

**STUDY NOTES**

## MIND MAP



## ଏକାଙ୍କିକାକାର ପରିଚୟ

ଆଧୁନିକ ଓଡ଼ିଆ ନାଟକ କ୍ଷେତ୍ରରେ କାର୍ତ୍ତିକ ଚନ୍ଦ୍ର ରଥ ଜଣେ ବାସ୍ତବବାଦୀ ନାଟ୍ୟକାର ଭାବରେ ସୁପ୍ରତିଷ୍ଠିତ । ସମାଜ ସଂସ୍କାର, ମୂଲ୍ୟବୋଧ ପ୍ରତିଷ୍ଠା ଓ ସାମାଜିକ ଦାୟବଦ୍ଧତା ତାଙ୍କ ନାଟକରେ ପ୍ରତିଫଳିତ । ସାମାଜିକ ପରିବର୍ତନ ତାଙ୍କ ନାଟକର ମୁଖ୍ୟ ସ୍ୱର । ମଣିଷର ସ୍ୱାର୍ଥ ଅହମିକା ଅମଣିଷପଣିଆକୁ ସେ ନାଟକ ରଚନା ଛଳରେ ଉପହାସ କରିଛନ୍ତି । ଜଣେ ନାଟ୍ୟ ନିର୍ଦ୍ଦେଶକ ଓ ନାଟ୍ୟ ସଂଗଠକ ଭାବରେ ମଧ ସେ ସୁପରିଚିତ । ଜୀବନ ଯଜ୍ଞ, ମାଂସର ଫୁଲ, ଅନ୍ୟ ଆକାଶ ମୁଁ ଦୁହେଁ, ଚନ୍ଦ୍ରବିନ୍ଦୁ, ଆଜିର ରାଜା, ତୃତୀୟ ପୃଥିବୀ, ସ୍ୱର୍ଗଦ୍ୱାର, ଜଉଘର, କ୍ରୀତଦାସ, ଅସ୍ତସୂର୍ଯ୍ୟର ଶ୍ମଶାନ, ଦର୍ପଣ, ନିଃସଙ୍ଗ ବିସର୍ଗ ଓ ଆଗାମୀ ଅତୀତ ଇତ୍ୟାଦି ତାଙ୍କର ଉଲ୍ଲେଖଯୋଗ୍ୟ ରଚନା ।

## ଏକାଙ୍କିକାର ପୃଷ୍ଠଭୂମି:-

ପଠିତ ପୁସ୍ତକ ସାହିତ୍ୟିକା ରେ ସଂକଳିତ ଆହୁତି ଏକ ପାରିବାରିକ ଏକାଙ୍କିକା । ଆଧୁନିକ ସମାଜରେ ବସ୍ତୁବାଦୀ ଜୀବନଶୈଳୀ ସଂଯୁକ୍ତ ପରିବାରକୁ ଭାଙ୍ଗିଦେଇଛି । ପିତାମାତାଙ୍କ ସ୍ୱପ୍ନ ଓ ଆଶାକୁ ପଛକୁ ଠେଲିଦେଇ ସନ୍ତାନମାନେ ନିଜ ନିଜର ସ୍ୱାର୍ଥକୁ ବଡ଼ ମନେକରିଛନ୍ତି । ବସ୍ତୁବାଦୀ ଚିନ୍ତା ପାଖରେ ପରିବାରର ମଙ୍ଗଳ, ବଂଶର ଗୁରୁତ୍ୱ ଓ ପିତାମାତାଙ୍କ ସମ୍ମାନ ତୁଚ୍ଛ ହୋଇଉଠିଛି । ଏହିପରି ଏକ ନଷ୍ଟ ମୂଲ୍ୟବୋଧ ଓ ପାରିବାରିକ ସମ୍ପର୍କର ମଳିନ ଦିଗକୁ ନେଇ ଆହୁତି ଏକାଙ୍କିକାଟି ରଚିତ । ଏଥିରେ ପୁତ୍ରକନ୍ୟାମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଓ ବସ୍ତୁବାଦୀ ଚେତନା ପ୍ରତିଫଳିତ ହୋଇଛି ।

## ଏକାଙ୍କିକାର ସାରକଥା

ସ୍ୱର୍ଗତ ଗଜେନ୍ଦ୍ରନାଥଙ୍କର ପରିବାରଟି ଗାଁରେ ଏକ ମଧ୍ୟବିତ ସମ୍ମାନଜନକ ପରିବାର । ବଂଚିଥିବାବେଳେ ତାଙ୍କୁ ଗାଁ ଲୋକେ ଦେବତା ଭଳି ସମ୍ମାନ କରୁଥିଲେ । ଗଜେନ୍ଦ୍ରଙ୍କର ତିନିପୁଅ ଦେବେନ୍ଦ୍ର, ମହେନ୍ଦ୍ର, ରାଜେନ୍ଦ୍ର ଏବଂ ଗୋଟିଏ ଝିଅ କୁନି । ସମସ୍ତେ ବିବାହିତ ଓ ନିଜ ନିଜ ପରିବାରକୁ ନେଇ ଭିନ୍ନ ଭିନ୍ନ ସ୍ଥାନରେ ରୁହନ୍ତି । ବାହାରକୁ ସମସ୍ତେ ଭଦ୍ର, ନିର୍ମାୟା ଓ

ସରଳ ଜଣାପଡୁଥିଲେ ବି ଭିତରେ ସମସ୍ତେ ସ୍ୱାର୍ଥପର । ତିନିପୁଅଯାକ ନିଜ ନିଜ ପତ୍ନୀଙ୍କଦ୍ୱାରା ପରିଚାଳିତ ଓ ଝିଅ କୁନି ମଧ୍ୟ ବେଶ ଚତୁରୀ ।

ଗଜେନ୍ଦ୍ରନାଥଙ୍କ ମୃତ୍ୟୁ ପରେ ତାଙ୍କର ଶୁଦ୍ଧିକ୍ରିୟା କରିବାପାଇଁ ତିନିପୁଅ ଓ ଝିଅ ଗାଁ ଘରକୁ ଆସିଛନ୍ତି । ମଝିଆଁ ପୁଅ ମହେନ୍ଦ୍ର ଓ ସାନପୁଅ ରାଜେନ୍ଦ୍ରଙ୍କ ପତ୍ନୀ ନିଜ ନିଜର ସ୍ୱାଭିମାନ ଓ ବୋଧ ହେତୁ ଆସିପାି ନାହାଁନ୍ତି । ବଡ଼ବୋହୂ ଚଂଚଳା ଦେବେନ୍ଦ୍ରଙ୍କ ପାଖେ ପାଖେ ରହିଛନ୍ତି । ଝିଅ କୁନି ଓ ମଧ୍ୟମପୁତ୍ର ମହେନ୍ଦ୍ର ସଦ୍ୟବିଧବା ମାଙ୍କ ପାଖରେ ବସିଛନ୍ତି । ବୈଠକଖାନାର କାନ୍ଥରେ ଫୁଲମାଳଟିଏ ପିନ୍ଧାଇ ଗଜେନ୍ଦ୍ରଙ୍କ ଫଟୋଚିତ୍ରକୁ ବଡ଼ପୁଅ ଦେବେନ୍ଦ୍ର ଟାଙ୍ଗି ଦେଇଛି । ଅବସର ପରେ ଗଜେନ୍ଦ୍ରଙ୍କର ଅବଶିଷ୍ଟ ଜୀବନ ବୈଠକଖାନା ଭିତରେ ହସଖୁସିରେ କଟିଥିଲା । ସାନପୁଅ ରାଜେନ୍ଦ୍ର ଆଉ ଚାରୋଟି ଛୋଟ ଫଟୋ କପି ଆଣିଛି । ଏଗୁଡ଼ିକୁ ଚାରି ଭାଇଭଉଣୀ ବାଂଟିନେଇ ନିଜ ନିଜ ଘରେ ରଖିବେ ।

ଏହିପରି ଏକ ପରିବେଶକୁ ହଠାତ୍ ପହଂଚି ଚଂଚଳା ଭିନ୍ନ ଧରଣର କରିଦେଇଛନ୍ତି । ଅତି ଚତୁରତାର ସହିତ ଗାଁରୁ ଫେରିବା ପୂର୍ବରୁ ସେ ପ୍ରଥମେ ରାଜେନ୍ଦ୍ର ଓ ଦେବେନ୍ଦ୍ର ଦୁଇଭାଇଙ୍କୁ ବାପାଙ୍କ ସମ୍ପତିସବୁକୁ ବଂଟା ବଂଟି କରିବା ପାଇଁ ପ୍ରସ୍ତାବ ଦେଲେ ।

ODM EDUCATIONAL GROUP Changing your Tomorrow